**ELECTION URGENT** **TOP PRIORITY**


ରାଜ୍ୟ ନିର୍ବାଚନ ଆୟୋଗ ,ଓଡିଶା

ତୋଶାଳୀ ଭବନ,ବି-୨ ,ପ୍ରଥମ ମହଲା,ସତ୍ୟ ନଗର,

ଭୁବନେଶ୍ୱର-୭୫୧୦୦୭

E-mail ID – stateelectioncommission.odisha@gmail.com
Fax No. 0674-2573494


# ବିଜ୍ଞପ୍ତି

ସଂଖ୍ୟା ୬୧୦୪ / ରା.ନି.ଆ ତା ୨୩.୧୨.୨୦୧୬ ରିଖ

ଯେହେତୁ ଓଡିଶା ପଞ୍ଚାୟତ ସମିତି ନିର୍ବାଚନ ନିୟମାବଳୀ, ୧୯୯୧, ନିୟମ ୪ର ଉପ-ନିୟମ (୧) ଅନୁଯାୟୀ ଓଡିଶା ସରକାର ରାଜ୍ୟର ସମସ୍ତ ସମିତି ନିର୍ବାଚନ ମଣ୍ଡଳୀ ଗୁଡିକ ଗଠନ ନିମନ୍ତେ ସମିତି ସଭ୍ୟ ପଦର ନିର୍ବାଚନ ପାଇଁ ତା୨୩.୧୨.୨୦୧୬ରିଖରେ ସରକାରୀ ଗେଜେଟରେ ପ୍ରକାଶନ କରିଛନ୍ତି;

ଯେହେତୁ, ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ଅନ୍ତରୀଣ ରହିତାଦେଶ ଯୋଗୁଁ ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ପଞ୍ଚାୟତ ସମିତି, ଯାଜପୁର ଜିଲ୍ଲାର ଦଶରଥପୁର ପଞ୍ଚାୟତ ସମିତି, ଝାରସୁଗୁଡା ଜିଲ୍ଲାର କୋଲାବିରା ଓ ଲାଇକେରା ପଞ୍ଚାୟତ ସମିତି, କଳାହାଣ୍ଡି ଜିଲ୍ଲାର ଭବାନିପାଟଣା ପଞ୍ଚାୟତ ସମିତି ଓ ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ପଞ୍ଚାୟତ ସମିତି ଗୁଡିକର ପଞ୍ଚାୟତ ସମିତି ସଭ୍ୟ ନିର୍ବାଚନ ପାଇଁ ଏବେ ବିଜ୍ଞପ୍ତି ଜାରି କରାଯାଉନାହିଁ ।

ତେଣୁ ଭାରତୀୟ ସମ୍ବିଧାନର ଧାରା ୨୪୩-K ଓ ଓଡିଶା ପଞ୍ଚାୟତ ସମିତି ନିର୍ବାଚନ ନିୟମାବଳୀ ୧୯୯୧ ଅନ୍ତର୍ଗତ ନିୟମ ୪ (୨) ସହିତ ନିୟମ ୧୭, ୩୦ ଓ ୩୭ ଦ୍ୱାରା ଅର୍ପିତ କ୍ଷମତା ବଳରେ ରାଜ୍ୟ ନିର୍ବାଚନ ଆୟୋଗ, ଓଡିଶା ଉକ୍ତ ନିର୍ବାଚନ ନିମନ୍ତେ ନିମ୍ନ ଲିଖିତ ତାରିଖ ଓ ସମୟ ନିର୍ଦ୍ଧାରଣ କରିଛନ୍ତି ।

| କ୍ରମିକ ସଂଖ୍ୟା | ସବିଶେଷ ବିବରଣୀ | ତାରିଖ | ସମୟ | ସ୍ଥାନ |
|---|---|---|---|---|
| ୧. | ସମିତି ସଭ୍ୟ ପଦ ନିମନ୍ତେ ପ୍ରାର୍ଥୀଙ୍କ ନାମ ଆହ୍ୱାନ କରାଯାଉଥିବା ନୋଟିସ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଜାରି (ନିୟମ ୮ ଅନୁଯାୟୀ) | ୦୬.୦୧.୨୦୧୭ | ଦିବା ୧୦ ଘଟିକା | ୧. ସମିତି ନିର୍ବାଚନ ମଣ୍ଡଳୀ ମଧ୍ୟରେ ଥିବା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ<br>୨. ପଞ୍ଚାୟତ ସମିତି କାର୍ଯ୍ୟାଳୟ<br>୩. ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ<br>୪. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ |
| ୨. | ମନୋନୟନ ପତ୍ର (ଫାରମ ୬) ଗୁଡିକ ନିର୍ଗମଣ ଓ ପ୍ରଦାନ (ନିୟମ ୯ଅନୁଯାୟୀ) | ୧୧.୦୧.୨୦୧୭ ଠାରୁ ୧୭.୦୧.୨୦୧୭ ପର୍ଯ୍ୟନ୍ତ (ଛୁଟିଦିନ ବ୍ୟତୀତ) | ପ୍ରତ୍ୟେକ ଦିନ ଦିବା ୧୧ ଘଟିକାରୁ ଅପରାହ୍ନ ୩ ଘଟିକା | ପଞ୍ଚାୟତ ସମିତି କାର୍ଯ୍ୟାଳୟ |

| | | | | |
|---|---|---|---|---|
| ୩. | ମନୋନୟନ ପତ୍ର ଯାଞ୍ଚ (ନିୟମ ୧୧ (୧୦) ଅନୁଯାୟୀ) | ୧୮.୦୧.୨୦୧୭ | ଦିବା ୧୧ ଘଟିକାରୁ ଶେଷ ହେବା ପର୍ଯ୍ୟନ୍ତ | ପଞ୍ଚାୟତ ସମିତି କାର୍ଯ୍ୟାଳୟ |
| ୪. | ବିଧିବତ୍ ମନୋନୀତ ପ୍ରାର୍ଥୀ ମାନଙ୍କର ତାଲିକା ପ୍ରକାଶନ (ନିୟମ ୧୧ (୧୪) ଅନୁଯାୟୀ) | ୧୯.୦୧.୨୦୧୭ | ଅପରାହ୍ନ ୩ ଘଟିକା | ପଞ୍ଚାୟତ ସମିତି କାର୍ଯ୍ୟାଳୟ |
| ୫. | ପ୍ରାର୍ଥୀତ୍ୱ ପ୍ରତ୍ୟାହାର (ନିୟମ ୧୧ (୧୫) ଅନୁଯାୟୀ) | ୨୧.୦୧.୨୦୧୭ ପର୍ଯ୍ୟନ୍ତ | ଅପରାହ୍ନ ୩ ଘଟିକା | ପଞ୍ଚାୟତ ସମିତି କାର୍ଯ୍ୟାଳୟ |
| ୬. | ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀ ମାନଙ୍କର ଚୂଡାନ୍ତ ତାଲିକା ପ୍ରକାଶନ (ନିୟମ ୧୧ (୧୬) ଅନୁଯାୟୀ) | ୨୧.୦୧.୨୦୧୭ | ଅପରାହ୍ନ ୩ ଘଟିକା ପରେ | ୧. ପଞ୍ଚାୟତ ସମିତି କାର୍ଯ୍ୟାଳୟ<br>୨. ସମିତି ନିର୍ବାଚନ ମଣ୍ଡଳୀ ମଧରେ ଥିବା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ |
| ୭. | ଭୋଟ ଗ୍ରହଣ ଓ ଭୋଟ ଗଣତି | ୧୩/୧୫/୧୭/୧୯/ ୨୧.୦୨.୨୦୧୭ (ନିର୍ବାଚନ ଅଧିକାରୀଙ୍କ ନୋଟିସ ଅନୁଯାୟୀ) | ଭୋଟ ଗ୍ରହଣ - ସକାଳ ୭ ଘଟିକା ଠାରୁ ମଧାହ୍ନ ୧୨ ଘଟିକା<br>ଗଣତି -ଅପରାହ୍ନ ୧ ଘଟିକା ଠାରୁ ଗଣତି ଶେଷ ହେବା ପର୍ଯ୍ୟନ୍ତ | ଭୋଟ ଗ୍ରହଣ କେନ୍ଦ୍ର |
| ୮. | ଫଳାଫଳ ଘୋଷଣା (ନିୟମ ୩୧ (୪) ଅନୁଯାୟୀ) | ୨୫.୦୨.୨୦୧୭ | ଦିବା ୯ ଘଟିକା ଠାରୁ ଶେଷ ହେବା ପର୍ଯ୍ୟନ୍ତ | ପଞ୍ଚାୟତ ସମିତି କାର୍ଯ୍ୟାଳୟ |
| ୯. | ନିର୍ବାଚିତ ସଭ୍ୟ ମାନଙ୍କର ନାମ ପ୍ରକାଶନ (ନିୟମ ୩୩ ଅନୁଯାୟୀ) | ୨୮.୦୨.୨୦୧୭ | | ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ |
| ୧୦. | ପଞ୍ଚାୟତ ସମିତିର ପ୍ରଥମ ବୈଠକ ନିମନ୍ତେ ନୋଟିସ ଜାରି (ନିୟମ ୩୮ ଅନୁଯାୟୀ) | ୦୧.୦୩.୨୦୧୭ | | ପଞ୍ଚାୟତ ସମିତି କାର୍ଯ୍ୟାଳୟ ଓ ସେହି ଅଞ୍ଚଳର ଏକ ବା ଏକାଧିକ ଦୃଶ୍ୟମାନ ସ୍ଥାନ |
| ୧୧. | ଅଧକ୍ଷ ନିର୍ବାଚନ ପାଇଁ ପ୍ରଥମ ବୈଠକ ଓ ଫଳାଫଳ ଘୋଷଣା | ୧୧.୦୩.୨୦୧୭ | | ପଞ୍ଚାୟତ ସମିତି କାର୍ଯ୍ୟାଳୟ |
| ୧୨. | ଉପାଧକ୍ଷ ନିର୍ବାଚନ ପାଇଁ ନୋଟିସ ଜାରି (ନିୟମ ୪୪ (କ) ଅନୁଯାୟୀ) | ୧୫.୦୩.୨୦୧୭ | | |

| | | | | |
|---|---|---|---|---|
| ୧୩. | ଉପାଧ୍ୟକ୍ଷ ନିର୍ବାଚନ ଓ ଫଳାଫଳ ଘୋଷଣା | ୨୩.୦୩.୨୦୧୭ | | ପଞ୍ଚାୟତ ସମିତି କାର୍ଯ୍ୟାଳୟ |

ଉପରୋକ୍ତ ଅଧିନିୟମ ଓ ନିୟମ ଗୁଡିକ ଓଡିଶା ପଞ୍ଚାୟତ ସମିତି ଅଧିନିୟମ, ୧୯୫୯ ଓ ଓଡିଶା ପଞ୍ଚାୟତ ସମିତି ନିର୍ବାଚନ ନିୟମାବଳୀ, ୧୯୯୧ର ଅର୍ନ୍ତଭୁକ୍ତ ଅଟେ।

ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ହୋଇଥିବା ଆଦର୍ଶ ଆଚରଣ ବିଧି **ତା୨୭.୧୨.୨୦୧୬ରିଖ ଠାରୁ ତା ୨୧.୦୨.୨୦୧୭ରିଖ** ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ବଳବତ୍ତର ରହିବ ।

ଏହି ଆଦେଶ କମିଶନଙ୍କ ୱେବସାଇଟ୍ www.secorissa.org. ରେ ଉପଲବ୍ଧ ।

ରାଜ୍ୟ ନିର୍ବାଚନ କମିଶନଙ୍କ
ଆଦେଶ ଓ ନାମାନୁସାରେ
Sahu 27.12.16
(ରବିନ୍ଦ୍ର ନାଥ ସାହୁ)
ସଚିବ

ଜ୍ଞାପକ ସଂଖ୍ୟା ୪୧୦୫ /ରା.ନି.ଆ. ତା ୨୭.୧୨.୨୦୧୬ ରିଖ

ଏହାର ନକଲ ଏହି ବୈଧାନିକ ବିଜ୍ଞପ୍ତିକୁ ତୁରନ୍ତ ଅସାଧାରଣ ଓଡିଶା ଗେଜେଟ୍ ରେ **ତା୨୭.୧୨.୨୦୧୬ରିଖରେ** ପ୍ରକାଶନ କରି ରାଜ୍ୟ ନିର୍ବାଚନ କମିଶନ, ଓଡିଶାଙ୍କୁ ୬୦୦ କିତା ନକଲ ଯୋଗାଇଦେବାକୁ ନିର୍ଦ୍ଦେଶକ, ମୁଦ୍ରଣ, ଲିଖନ ଓ ପ୍ରକାଶନ, ଓଡିଶା, କଟକଙ୍କୁ ଅନୁରୋଧ ।

Sahu 27.12.16
ସଚିବ

ଜ୍ଞାପକ ସଂଖ୍ୟା ୪୧୦୬ /ରା.ନି.ଆ. ତା ୨୭.୧୨.୨୦୧୬ ରିଖ

ଏହାର ନକଲ ରାଜ୍ୟପାଳଙ୍କ ପ୍ରମୁଖ ସଚିବଙ୍କୁ ମାନ୍ୟବର ରାଜ୍ୟପାଳଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

Sahu 27.12.16
ସଚିବ

ଜ୍ଞାପକ ସଂଖ୍ୟା ୪୧୦୭ /ରା.ନି.ଆ. ତା ୨୭.୧୨.୨୦୧୬ ରିଖ

ଏହାର ନକଲ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

Sahu 27.12.16
ସଚିବ

ଜ୍ଞାପକ ସଂଖ୍ୟା ୪୧୦୮ /ରା.ନି.ଆ. ତା ୨୭.୧୨.୨୦୧୬ ରିଖ

ଏହାର ନକଲ ମାନ୍ୟବର ବାଚସ୍ପତି/ଉପ-ବାଚସ୍ପତି ଓ ସମସ୍ତ ବିଧାୟକଙ୍କ ଅବଗତି ନିମନ୍ତେ ସଚିବ, ଓଡିଶା ବିଧାନ ସଭାଙ୍କୁ ପ୍ରେରଣ କରାଗଲା ।

Sahu 27.12.16
ସଚିବ

ଜ୍ଞାପକ ସଂଖ୍ୟା ୪୧୦୯ /ରା.ନି.ଆ. ତା ୨୭.୧୨.୨୦୧୬ ରିଖ

ଏହାର ନକଲ ସମସ୍ତ ବିଭାଗ ମାନ୍ୟବର ମନ୍ତ୍ରୀ/ବିରୋଧୀ ଦଳ ନେତା/ ରାଷ୍ଟ୍ର ମନ୍ତ୍ରୀ/ମୁଖ୍ୟ ସଚେତକ/ ଉପ-ମୁଖ୍ୟ ସଚେତକଙ୍କ ଅବଗତି ନିମନ୍ତେ ତାଙ୍କ ବ୍ୟକ୍ତିଗତ ସଚିବଙ୍କୁ ପ୍ରେରଣ କରାଗଲା ।

Sahu 27.12.16
ସଚିବ

ଜ୍ଞାପକ ସଂଖ୍ୟା ୪୧୩୦ /ରା.ନି.ଆ.                ତା ୨୭.୧୨.୨୦୧୬ରିଖ

ଏହାର ନକଲ  ମୁଖ୍ୟ ସଚିବ, ଓଡିଶା/ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ସଚିବ ଓ ସଚିବ, ଯୋଜନା ଓ ସମନ୍ୱୟ ବିଭାଗ/ ରାଜସ୍ୱ ପରିଷଦ ସଭ୍ୟ/ଏ.ପି.ସି./ଡି.ଜି. ଓ ଆଇ.ଜି., ପୁଲିସ, ଓଡିଶା, କଟକଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସଚିବ 27.12.16

ଜ୍ଞାପକ ସଂଖ୍ୟା ୪୧୩୧ /ରା.ନି.ଆ.                ତା ୨୭.୧୨.୨୦୧୬ରିଖ

ଏହାର ନକଲ  କମିଶନର ତଥା ସଚିବ/ନିର୍ଦ୍ଦେଶକ, ପଞ୍ଚାୟତି ରାଜ ବିଭାଗଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସଚିବ 27.12.16

ଜ୍ଞାପକ ସଂଖ୍ୟା ୪୧୩୨ /ରା.ନି.ଆ.                ତା ୨୭.୧୨.୨୦୧୬ରିଖ

ଏହାର ନକଲ  ସମସ୍ତ ପ୍ରମୁଖ୍ୟ ସଚିବ/ କମିଶନର ତଥା ସଚିବ /ସଚିବ/ ଏସ୍.ଆର୍.ସି./ପରିଚାଳନା ନିର୍ଦ୍ଦେଶକ, ଓସ୍ତମା/ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା/ସମସ୍ତ ବିଭାଗୀୟ ମୁଖ୍ୟ ଦପ୍ତରଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସଚିବ 27.12.16

ଜ୍ଞାପକ ସଂଖ୍ୟା ୪୧୩୩ /ରା.ନି.ଆ.                ତା ୨୭.୧୨.୨୦୧୬ରିଖ

ଏହାର ନକଲ  ସମସ୍ତ ରାଜସ୍ୱ କମିଶନର/ଆଇ.ଜି/ଡି.ଆଇ.ଜିଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସଚିବ 27.12.16

ଜ୍ଞାପକ ସଂଖ୍ୟା ୪୧୩୪ /ରା.ନି.ଆ.                ତା ୨୭.୧୨.୨୦୧୬ରିଖ

ଏହାର ସମସ୍ତ ଜିଲ୍ଲାପାଳ-ତଥା-ନିର୍ବାଚନ ଅଧିକାରୀ/ଜିଲ୍ଲା ଆରକ୍ଷୀ ଅଧିକ୍ଷକ /ଉପ-ଜିଲ୍ଲାପାଳ/ ଜିଲ୍ଲା ପଞ୍ଚାୟତ ଅଧିକାରୀ/ମଣ୍ଡଳ ଉନ୍ନୟନ ଅଧିକାରଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସଚିବ 27.12.16

ଜ୍ଞାପକ ସଂଖ୍ୟା ୪୧୩୫ /ରା.ନି.ଆ.                ତା ୨୭.୧୨.୨୦୧୬ରିଖ

ଏହାର ସମସ୍ତ ରାଜନୈତିକ ଦଳଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସଚିବ 27.12.16

ଜ୍ଞାପକ ସଂଖ୍ୟା ୪୧୩୬ /ରା.ନି.ଆ.                ତା ୨୭.୧୨.୨୦୧୬ରିଖ

ଏହାର ନକଲ  କମିଶନ ଙ୍କ ଅବଗତି ନିମନ୍ତେ କମିଶନ ଙ୍କ ବ୍ୟକ୍ତିଗତ ସଚିବ/ କମିଶନ ଙ୍କ ସମସ୍ତ ଅଫିସର ଓ ଉପ-ବିଭାଗ କୁ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସଚିବ 27.12.16

ଜ୍ଞାପକ ସଂଖ୍ୟା ୪୧୩୭ /ରା.ନି.ଆ.                ତା ୨୭.୧୨.୨୦୧୬ରିଖ

ଏହାର ନକଲ କମ୍ପ୍ୟୁଟର ପ୍ରୋଗ୍ରାମରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସଚିବ 27.12.16